# Akashvani, Sambalpur

## SAMBALPURI NEWS BULLETIN

### 25 May 2024- 6.47- 6.52 am.

**********************************************

ରାଜ୍ୟ ଭୋଟ୍       ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ୩ ନମ୍ବର୍ ଖେପ୍ ନିର୍ବାଚନ୍ ଲାଗି ଆଏଜ୍ ଭୋଟ୍ ହେବା । ଇ ଖେପେ ସମ୍ବଲ୍ପୁର୍, ଢେଙ୍କାନାଲ୍, କେନ୍ଦୁଝର୍, କଟକ୍, ଭୁବ୍ନେଶ୍ୱର୍ ଆର୍ ପୁରୀ ଲୋକ୍ସଭା ଆସନ୍ ଆର୍ ତାର୍ ଅଧୀନ୍ଥି ଥିବା ୪୨ ଟା ବିଧାନ୍ସଭା ଆସନ୍ ଲାଗି ଆଉ କିଛି ସମିଆ ଉତ୍ରୁ ଭୋଟ୍ ମୁଲ୍ ହେବା । ପୁଲିଂ କର୍ମଚାରୀମାନେ ମତଦାନ୍ କେନ୍ଦ୍ରମାନ୍କେ ଭୋଟ୍ ନେବାର୍ ଲାଗି ପ୍ରସ୍ତୁତ୍ ହେଇକରି ଅଛନ୍ । କେତେଟା ଜାଗାନ ଉପର୍ବେଲା ୪ ବଜେତକ୍ ଆଉ କେତେଟା ବୁଥ୍ ନ ସଞ୍ଝର୍ ୬ ବଜେତକ୍ ଭୋଟ୍ ହେବା । ଇ ଖେପର୍ ୬ ଟା ଲୋକ୍ସଭା ଆସନ୍ ଲାଗି ମୋଟ୍ ୬୪ ଝନ୍ ପ୍ରାର୍ଥୀ ଆର୍ ବିଧାନ୍ସଭା ଆସନ୍ ଲାଗି ୩ ଶହ ୮୩ ଝନ୍ ପ୍ରାର୍ଥୀ ନିର୍ବାଚନ୍ ଲଢୁଛନ୍ । ଇ ଖେପେ ମୋଟ୍ ୯୪ ଲାଖ୍ ୪୮ ହଜାର୍ ୫ ଶହ ୫୩ ଝନ୍ ଭୋଟର୍ ନିଜର୍ ମତାଧିକାର୍ ସାବ୍ୟସ୍ତ

କର୍‌ବେ । ଇଥିର୍‌ଲାଗି ୧୦ ହଜାର୍ ୫ ଶହ ୧୫ ଟା ପୋଲିଂ ବୁଥ୍ କରାଯାଇଛେ ।

ଇ ଖେପର୍ ଭୋଟ୍‌କେ ଶାନ୍ତିଶୃଙ୍ଖଲା ସହେତେ ପରିଚାଲନା କର୍‌ବାର୍ ଲାଗି ରାଜ୍ୟ ପୁଲିସ୍ ଆଉ ଅର୍ଦ୍ଧସାମରିକ ବାହିନୀ ମିଶିକରି ମୋଟ୍ ୩୫ ହଜାର୍ ପୁଲିସ୍ କର୍ମଚାରୀ ନିୟୋଜିତ ହେଇଛନ୍ ବଲି ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ଅରୁଣ୍ କୁମାର୍ ଷଡ଼ଙ୍ଗୀ କହିଛନ୍ ।

୬ ନମ୍ବର୍ ଖେପ୍ ନିର୍ବାଚନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ୬ ନମ୍ବର୍ ଖେପ୍ ସାଧାରଣ ନିର୍ବାଚନ୍‌ଥି ଆଏଜ୍ ସଖାଲର୍ ୭ ବଜେନୁ ଓଡ଼ିଶା ସହେତେ ବିହାର୍, ହରିଆଣା, ଝାର୍‌ଖଣ୍ଡ୍, ଉତର୍‌ପ୍ରଦେଶ୍, ପଶ୍ଚିମବଙ୍ଗ୍, ଦିଲ୍ଲୀ ଆଉ ଜାମ୍ମୁକାଶ୍ମୀର୍‌ର ୫୮ ଟା ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ନିଆଯିବା । ଇ ଖେପେ ମୋଟ୍ ୮ ଶହ ଅଣାନବେ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ ।

ପ୍ରଧାନ୍‌ମନ୍ତ୍ରୀ - ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଜେପିର ବରିଷ୍ଠ ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ଦିନ ଓଡ଼ିଶା ଗସ୍ତଥି ଆସି୍‌କରି କେନ୍ଦ୍ରାପଡ଼ା ଆର୍ ବାଲେଶ୍ୱର୍ ନ ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ବିଜେପିର ବରିଷ୍ଠ ନେତା ଆଉ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଆଏବା କାଏଲ୍ ଓଡ଼ିଶା ଆସିକରି ବାରିପଦା, ଚାନ୍ଦବାଲି, ପୁରୀ ଆର୍ ନିମାପଡ଼ା ନ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସେଆଡ଼େ କଂଗ୍ରେସ୍ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଆର୍ ଦଲର୍ ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ ଦଲୀୟ ପ୍ରାର୍ଥୀଙ୍କର୍ ପ୍ରଚାର୍ ଲାଗି ଆଏବା କାଏଲ୍ ଆର୍ ଆଏବା ମଙ୍ଗଲ୍‌ବାର୍ ଦିନ ଓଡ଼ିଶା ଗସ୍ତ ନ ଆସ୍‌ବେ ବଲି ଜନାପଡ଼ିଛେ ।

ମେଟ୍ରିକ୍ ରିଜଲ୍ଟ      ଆର୍‌ଏନ୍‌ୟୁ/ସମ୍ବଲପୁର

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ଇ ବଛରର୍ ମେଟ୍ରିକ୍ ପରୀକ୍ଷାଫଲ୍ ଆଏବାକାଏଲ୍ ସଖାଲର୍ ସାଢ଼େ ୧୦ ବଜେ ପରୀକ୍ଷାଫଲ୍ ବାହାର୍‌ବା । ସାଢ଼େ ୧୧ ବଜେତକ୍ ବୋର୍ଡ଼ର ଓ୍ୱେବ୍‌ସାଇଟ୍ www.bseodisha.ac.in ଥି

ଛାତ୍ରଛାତ୍ରୀମାନେ ନିଜର୍ ପରୀକ୍ଷାଫଲ୍ ଦେଖିପାର୍‌ବେ । ଯେନ୍‌ଜାଗା ନ ଇଂଟର୍‌ନେଟ୍ ସୁବିଧା ନାଇଁଥିବା ସେନର୍ ଛାତ୍ରଛାତ୍ରୀମାନେ ଏସ୍‌ଏମ୍‌ଏସ୍ ଜରିଏ ରିଜଲ୍ଟ ପାଇପାର୍‌ବେ ।

+ ଦୁଇ ରିଜଲ୍ଟ ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ ଯୁକ୍ତ ଦୁଇ କଳା, ବାଣିଜ୍ୟ, ବିଜ୍ଞାନ୍ ଆଉ ଧନ୍ଦାମୂଳକ୍ ଶିକ୍ଷା ପରୀକ୍ଷାଫଲ୍ ଆଏବା କାଏଲ୍ ବାହାର୍‌ବା । ପରିଷଦ୍ କାର୍ଯ୍ୟାଳୟ ନ ଆଏବା କାଏଲ୍ ଉପର୍‌ବେଲା ୩ ବଜେ ପରୀକ୍ଷାଫଲ୍ ବାହାର୍‌ବା ବଲି ପରିଷଦ୍ ତର୍‌ଫୁ କୁହାଯାଇଛେ । ଛାତ୍ରଛାତ୍ରୀମାନେ www.orissaresults.nic.in ଲଗ୍‌ଇନ୍ କରିକରି ପରୀକ୍ଷାଫଲ୍ ଦେଖିପାର୍‌ବେ ।

ମୁଖ୍ୟମନ୍ତ୍ରୀ- ରିସର୍ଚ୍ଚ ଫେଲୋସିପ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ରିସାର୍ଚ୍ଚ ଫେଲୋସିପ୍ ପ୍ରୋଗ୍ରାମ୍ - ସି.ଏମ୍.ଆର୍.ଆଇ.ଏଫ୍.ପି ଲାଗି ୩ ଶହ ୯ନ୍ ଶିକ୍ଷାର୍ଥୀଙ୍କୁ

ବଛାଯାଇଛେ । ଇ ଯୋଜ୍‌ନାଥି ବଛା ହେଇଥିବା ଶିକ୍ଷାର୍ଥୀମାନେ ରାଜ୍ୟର୍ ୧୫ ଟା ସର୍‌କାରୀ ବିଶ୍ୱବିଦ୍ୟାଲୟ ନ ବିଜ୍ଞାନ୍ ଆଉ ହ୍ୟୁମାନିଟିଜ୍‌ର ମୋଟ୍ ୪୭ ଟା ବିଷେଥି ଗବେଷଣା କର୍‌ବେ । ପିଏଚ୍‌ଡି ପଞ୍ଜିକରଣ୍ ଉତ୍‌ରୁ ୪ ବରସ୍ ଲାଗି ଇଥି ଗବେଷଣାର ସୁଯୋଗ୍ ରହେବା ।

ପେକ୍ସ ଲେମ୍ପସ୍ ବିକାଶ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସମବାୟ ବିଭାଗ୍‌ର ରାଜ୍ୟସ୍ତରୀୟ ସମନ୍ୱୟ ବୈଠକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ହେଇଯାଇଛେ । ବୈଠକ୍‌ଥି ବିଭାଗ୍‌ର ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ସମୀକ୍ଷା କରାଯାଇଥିଲା । ପ୍ରାଥମିକ ସେବା ସମବାୟ ସମିତି-ପେକ୍ସ ଆର୍ ବୃହତାକାର୍ ସେବା ସମବାୟ ସମିତି-ଲେମ୍ପସ୍ ମାନ୍‌କର୍ ଭିତିଭୂମି ବିକାଶ୍ ଲାଗି ବିଭାଗ୍‌ର ସଚିବ ବୈଠକ୍‌ଥି ନିର୍ଦ୍ଦେଶ୍ ଦେଇଥିଲେ ।

ଚନ୍ଦକା ଅଭୟାରଣ୍ୟ- ହାତୀ ଗଣ୍‌ନା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ହାତୀ ଗଣନା କାମ୍ ଗଲାକାଏଲ୍ ଶେଷ୍ ହେଇଛେ । ରାଜ୍ୟର୍ ୫୧ ଟା ଜଙ୍ଗଲ୍ ଡିଭିଜନ୍ ଭିତ୍ରୁ ୪୬ ଟା ଡିଭିଜନ୍ ନ ମାନେ ହାତୀ ଚଲ୍ପ୍ରଚଲ୍ କରୁଥିବାର୍ ଗଣ୍ନାନୁ ଜନାପଡ଼ିଛେ । ଗଲା ଶୁକ୍ରବାର୍ତକ୍ ୩ ଦିନ୍ ଧରିକରି ଚାଲିଥିବା ଇ ଗଣ୍ନା ଅନ୍ସାରେ ଚନ୍ଦକା- ଡମ୍ପଡ଼ା ହସ୍ତି ଅଭୟାରଣ୍ୟ ନ ୪୫ ଟା ହାତୀ ଅଛନ୍ ବଲି ଜଙ୍ଗଲ୍ ବିଭାଗ୍ ତର୍ଫୁ ସୂଚ୍ନା ମିଲିଛେ ।

ବାତ୍ୟା ମୁକାବିଲା ତୟାରି ଆର୍ଏନ୍ୟୁ / ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ବନ୍ବାର୍କେ ଥିବାର୍ ଘୂର୍ଣ୍ଣିବଲୟର୍ ମୁକାବିଲା ଲାଗି ତୟାରି ବାବ୍ଦେ କେବିନେଟ୍ ସଚିବ ରାଜୀବ୍ ଗୌଓ୍ବାଙ୍କର୍ ଅଧ୍ୟକ୍ଷତାଥି ଜାତୀୟ ବିପର୍ଯ୍ୟୟ ପରିଚାଳନା କମିଟି ଏନ୍ସିଏମ୍ସିର ଗୁଟେ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ଭାରତୀୟ ପାଣିପାଗ୍ ବିଭାଗ୍ର ମହାନିର୍ଦ୍ଦେଶକ୍ ମୃତ୍ୟୁଞ୍ଜୟ ମହାପାତ୍ର ପଶ୍ଚିମବଙ୍ଗ୍ର କାନ୍ନିଂ ନୁ ୮ ଶହ ୧୦ କିଲୋମିଟର୍ ଦୂରେ କେନ୍ଦ୍ରୀୟ ବଙ୍ଗୋପ୍ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ର ଥିତି ବାବ୍ଦେ ସୂଚ୍ନା ଦେଇଥିଲେ । ଆଏଜ୍ ରାତିତକ୍ ଘୂର୍ଣ୍ଣିବଲୟ ଉତର୍-ପୂର୍ବ ଦିଗ୍କେ ଗତି କରିକରି ସାମୁଦ୍ରିକ ଝଡ଼ଥି ପରିଣତ୍

ହେବାର୍ ଅନୁମାନ୍ ରହିଛେ ବଲି ଶ୍ରୀ ମହାପାତ୍ର ସୂଚ୍ନା ଦେଇଛନ୍ ।

ସେଆଡ଼େ ବାତ୍ୟାର୍ ଲାଗି ଓଡ଼ିଶାର୍ ଉତର୍ ଆଉ ଉପକୂଲ ଓଡ଼ିଶାର୍ କେତେ ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ତର୍ଫୁ କୁହାଯାଇଛେ । ହେଲେ ଆଏବା କାଏଲ୍ ସଖାଲୁ ବାଲେଶ୍ୱର୍, ଭଦ୍ରକ୍, କେନ୍ଦ୍ରାପଡ଼ା, ମୟୁର୍ଭଞ୍ଜ୍ ଜିଲ୍ଲା ନ ବର୍ଷା ହେବାର୍ ସମ୍ଭାବନା ରହିଛେ । ଇଥିର୍ଲାଗି ତୟାରି ରହେବାର୍ ଲାଗି ସ୍ୱତନ୍ତ୍ର ରିଲିଫ୍ କମିଶନର୍ଙ୍କର୍ ତର୍ଫୁ ଜିଲ୍ଲାପାଲ୍ ମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଆର୍ଏନ୍ୟୁ / ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ପ୍ରଶାସନ୍‌ର ମୁଖ୍ୟ ପ୍ରଶାସକ ଭାବେ କୃଷି ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଅରବିନ୍ଦ ପାଢ଼ୀ ଅତିରିକ୍ତ ଦାୟିତ୍ୱ ନେଇଛନ୍ । ସେ ଦାୟିତ୍ୱ ଗ୍ରହଣ୍ କର୍ବାର୍ ଆଘୋନୁ ଗଲାକାଏଲ୍ ପୁରୀ ଠାନେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ୍ କରିଥିଲେ । ଶ୍ରୀ ପାଢ଼ୀ ଆଏବା ମାସର୍ ୧୧ ତାରିଖ୍‌ତକ୍ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଦାୟିତ୍ୱଥି ରହେବେ ବଲି ସାଧାରଣ ପ୍ରଶାସନ୍ ବିଭାଗ୍ ତର୍ଫୁ କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ,

ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ୍ ଦାୟିତ୍ୱରେ ଥିବାର୍ ବୀରବିକ୍ରମ୍ ଯାଦବ୍ ଛୁଟି ନ ଥିବାର୍‌ନୁ ଶ୍ରୀ ପାଢ଼ୀଙ୍କୁ ଇ ଅତିରିକ୍ତ ଦାୟିତ୍ୱ ଦିଆଯାଇଛେ ।